# ତହସିଲଦାରଙ୍କ କାର୍ଯ୍ୟାଳୟ, ଖଣ୍ଡମାଳ, ଫୁଲବାଣୀ, ଜିଲ୍ଲା – କନ୍ଧମାଳ

ବିଜ୍ଞପ୍ତି ସଂଖ୍ୟା : ...3661.... /ସୈରାତ ତା. ...20.07.2022...ରିଖ

## ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ, 2016 ଓ ଏହାର ସଂଶୋଧନ ନିୟମ ଅନୁଯାୟୀ ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଖଣ୍ଡମାଳ, ଫୁଲବାଣୀ ତହସିଲ ଅନ୍ତର୍ଗତ ପରିଶିଷ୍ଟ-୧ ରେ ପ୍ରଦତ୍ତ ଲଘୁ ଖଣିଜ ଉତ୍ସଗୁଡିକୁ ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଲିଜ୍‌ରେ ଅଂଶ ଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ ଉତ୍ସଟିଗୁଡିକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନୀୟ । ଲିଜ୍ ନେବା ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules, 2016 ଏବଂ ଏହାର Amendment Rules, 2022 ମୁତାବକ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ ଜଉମୁଦ ଲଫାଫାରେ ଆବେଦନ କରିବେ ।

୧. OMMC Rules, 2016 ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା ୩ କିତା Form M (୩ କପି) ଦାଖଲ କରିବେ ।

୨. ଦରଖାସ୍ତ ଫି ବାବଦକୁ ଟ.1,000/- (ଏକ ହଜାର ଟଙ୍କା)ର ଟ୍ରେଜେରୀ ଚାଲାଣ (Head of Account-0853-Non Ferrous Mining &Metallurgical Industries-102-Mineral Concession Fees, Rentand Royalties) ଦାଖଲ କରିବେ ଏବଂ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୩. ଉତ୍ସର ନାମ, ତଫସିଲ ଏବଂ ସରହଦ ବିବରଣୀ ସଂଲଗ୍ନ କରିବା ହେବେ ।

୪. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ ।

୫. ଦରଖାସ୍ତକାରୀ ବିଗତ ଆର୍ଥିକ ବର୍ଷ (୨୦୨୧-୨୨) ରେ ଦାଖଲ କରିଥିବା Income Tax Return ର ନକଲ ଦାଖଲ କରିବେ ଯେଉଁଥିରେ ଆବେଦନକାରୀଙ୍କ ବାର୍ଷିକ ଆୟ ଦର୍ଶାଯାଇଥିବା ଯାହାର ମୂଲ୍ୟ ସୈରାତ ଉତ୍ସର ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) X (Royalty + Offered Additional Charges by Participant) ଠାରୁ କମ ହୋଇନଥିବ ଅଥବା ଉକ୍ତ ମୂଲ୍ୟର ୧୮ ମାସ ବୈଧ ଥାଇ Original ବ୍ୟାଙ୍କ ଗ୍ୟାରେଣ୍ଟି (Bank Guarantee) ଦାଖଲ କରିବେ ।

୬. ପାନ କାର୍ଡ (PAN CARD)/ଆଧାର କାର୍ଡ /ପରିଚୟ ପତ୍ରର ନକଲ ଦାଖଲ କରିବା ସହ ଯୋଗାଯୋଗ ନିମନ୍ତେ ମୋବାଇଲ ନମ୍ବର ଦାଖଲ କରିବେ ।

ତହସିଲଦାର

୭. ଦରଖାସ୍ତକାରୀ ଆବେଦନ କରୁଥିବା ସୈରାତ ଉତ୍ସର EMD (Earnest Money Deposit) ବ୍ୟାଙ୍କ ଡ୍ରାଫ୍ଟ (Bank Draft)ମାଧ୍ୟମରେ ଜମା କରିବେ ଯାହାର ପରିମାଣ [(Minimum Guaranteed Quantity) X (Royalty + Additional Charges Specified in the notice)] ର ଶତକଡ଼ା 5% ରହିବ । ଉକ୍ତ ବ୍ୟାଙ୍କ ଡ୍ରାଫ୍ଟ Tahasildar, Khondmals, Phulbani ଙ୍କ ନାମରେ ହୋଇଥିବା ବାଞ୍ଛନୀୟ । ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

୮. ଦରଖାସ୍ତକାରୀନିଜର GST Registration ପ୍ରମାଣ ପତ୍ର ସଂଲଗ୍ନକରିବେ ।

୯. ଦରଖାସ୍ତକାରୀ କୌଣସି ସୈରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା (Self Declaration) ଦାଖଲ କରିବେ ।

୧୦.ଦରଖାସ୍ତକାରୀ ସୈରାତ ଉତ୍ସର Mining Plan, Revised Mining Plan, EC Preparation & Sairat Advertising Costର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

୧୧.ଦରଖାସ୍ତକାରୀ ଲଫାଫାର ଉପରି ଭାଗରେ ବଡ଼ ଅକ୍ଷରରେ ସୈରାତ ଉତ୍ସର ନାମ ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ୍ ନଂ. ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ ଲଫାଫାରେ Registered Post/Speed Post ଯୋଗେ ନିମ୍ନ ଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବାକ୍ସରେ **ତା.06.08.2022 ରିଖ** ଠାରୁ**ତା.22.08.2022 ରିଖ** ମଧ୍ୟରେ ଅପରାହ୍ନ 1.00 ଘଟିକା ସୁଦ୍ଧା ଯେ କୌଣସି ସରକାରୀ କାର୍ଯ୍ୟଦିବସ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । **ତା.22.08.2022 ରିଖ** ଅପରାହ୍ନ 1.00 ଘଟିକା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ । **ତା.22.08.2022 ରିଖ**ଅପରାହ୍ନ 3.00 ଘଟିକା ସମୟରେ ତହସିଲ କାର୍ଯ୍ୟାଳୟ,ଖଣ୍ଡମାଳ, ଫୁଲବାଣୀ ଠାରେ ଆବେଦନ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯିବ ଏବଂ OMMC Rules,2016 ଏବଂ OMMC (Amendment) Rules,2022 ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଦର (additional charge)ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡ଼ିକୁ ବାତିଲ କରି ଦିଆଯିବ ।

ଯଦି ସୈରାତ ଉତ୍ସଟି ଉପରୋକ୍ତ ଦିବସରେ ନିଲାମ ନହୋଇପାରେ ତେବେ ତାହା **ତା.23.08.2022 ରିଖ** ପୂର୍ବାହ୍ନ 10.00 ଘଟିକା ଠାରୁ **ତା.30.08.2022ରିଖ** ଅପରାହ୍ନ 1.00 ଘଟିକା ପର୍ଯ୍ୟନ୍ତ ପୁନର୍ବାର Registered Post/Speed Post/ଟେଣ୍ଡର ବାକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ **ତା.30.08.2022 ରିଖ**ଅପରାହ୍ନ 3.00 ଘଟିକା ସମୟରେ ତହସିଲ କାର୍ଯ୍ୟାଳୟ,ଖଣ୍ଡମାଳ, ଫୁଲବାଣୀଠାରେ ଆବେଦନ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ

ତହସିଲଦାର

ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯିବ ।

ସେହିପରି ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ପୁନର୍ବାର ନିଲାମ ନ ହୋଇପାରେ ତେବେ ତାହା **ତା.02.09.2022 ରିଖଠାରୁ ତା.09.09.2022 ରିଖ** ଅପରାହ୍ନ 1.00 ଘଟିକା ପର୍ଯ୍ୟନ୍ତ ପୁନର୍ବାର Registered Post/Speed Post/ଟେଣ୍ଡର ବାକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ **ତା.09.09.2022 ରିଖ** ଅପରାହ୍ନ 3.00 ଘଟିକା ସମୟରେ ଖଣ୍ଡମାଳ, ଫୁଲବାଣୀ ତହସିଲ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ, ଟେଣ୍ଡର ବକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯିବ ।

<u>ଠିକଣା</u>

ତହସିଲଦାର, ଖଣ୍ଡମାଳ, ଫୁଲବାଣୀ
ସା/ପୋ – ଫୁଲବାଣୀ
ଜିଲ୍ଲା – କନ୍ଧମାଳ, ପିନ୍ ନଂ. – ୭୬୨୦୦୧

<u>ସର୍ତ୍ତାବଳୀ</u>

୧. ଆବେଦନକାରୀମାନେ OMMC Rules,2016 ଏବଂ ଏହାର Amendment Rules, 2022 ର ପରିସର ଭୁକ୍ତ ରହିବେ ।

୨. ଆବେଦନକାରୀ ଲିଜ୍ ପାଇଁ ଉଦ୍ଦିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ସୈରାତ ଉତ୍ସଟିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧାଓ ଗଚ୍ଛିତ ଥିବା ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ୍ ଉଦ୍ଦିଷ୍ଟ ନିଲାମରେ ଅଂଶ ଗ୍ରହଣ କରିବେ । ଲିଜ୍ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୩. ଏହି ଉତ୍ସର Mining Plan ଏବଂ E.C କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ପ୍ରାପ୍ତ କରାଯାଇଛି ।ଲିଜ୍‌ଧାରୀ Mining Plan, EC & Advertisingର ମୂଲ୍ୟ ଦାଖଲ କରିବେ ନଚେତ୍ ଲିଜ୍ ବାତିଲ କରାଯିବ । ସର୍ବୋଚ୍ଚ ନିଲାମଧାରୀ ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ(Consent to Operate) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରୁ (Odisha Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

୪. ସୈରାତ ଉତ୍ସ ପାଇଁ ଘନ ମିଟର (Per Cubic Meter) ପ୍ରତି ସର୍ବନିମ୍ନ ଅତିରିକ୍ତ ଦେୟ (Additional Charge)ର ପରିମାଣ **ପରିଶିଷ୍ଟ-୧** ମୁତାବକ ଧାର୍ଯ୍ୟ କରାଯାଇଛି । ଉକ୍ତ ଅତିରିକ୍ତ ଦେୟ ଭିତ୍ତିରେ ସୈରାତ ଉତ୍ସର ନିଲାମ କରାଯିବ ।

ତହସିଲଦାର
ଖଣ୍ଡମାଳ, ଫୁଲବାଣୀ

୫. ସରକାରୀ ଭାବେ ଘନ ମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ର ଦର ଠାରୁ କମ୍ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ କରିନଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରି ଦିଆଯିବ ।

୬. ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ଅତିରିକ୍ତ ଦେୟ (additional charge) ପରିମାଣ ଉଲ୍ଲେଖ କରିଥାନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀ ବିବେଚିତ କରାଯିବ ।

୭. ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ ।

୮. ଚୟନ କରାଯାଇଥିବା ନିଲାମଧାରୀଙ୍କୁ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ Form - F ମାଧ୍ୟମରେ ଚୟନ ସମ୍ବନ୍ଧୀୟ ତଥ୍ୟ ଏବଂ ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ ଯୋଗାଇ ଦିଆଯିବ । ଏହି Form – F ପାଇବାର 15 ଦିନ ମଧ୍ୟରେ ଚୟନ ହୋଇଥିବା ନିଲାମଧାରୀ ନିଲାମ ନେବା ପାଇଁ ସ୍ୱୀକୃତି ପ୍ରଦାନ କରିବେ ଏବଂ ବାର୍ଷିକ ଦେୟ (Minimum Guaranteed Quantity) X(Royalty + Offered Additional Charge + District Mineral Foundation) ର ଏକ ଚତୁର୍ଥାଂଶପରିମାଣରୁ Earnest Moneyକୁ ବାଦଦେଇ ବଳକା ରାଶି ଜମା କରିବେ ଏବଂ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Moneyକୁ ସୁଧ ରହିତ ଅମାନତ ରାଶି (Security Deposit) ଭାବରେ ରଖାଯିବ । ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବା ପରେ ସ୍ଥିର କରାଯିବ । ଯଦି ମନୋନିତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନଦିଅନ୍ତି ଏବଂ ଅମାନତ ରାଶି ପୈଠ ନକରନ୍ତି ତେବେ ନିଲାମଧାରୀଙ୍କ Earnest Moneyକୁ ବାଜ୍ୟାପ୍ତି କରାଯିବଏବଂ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ । ନିଲାମଧାରୀଙ୍କ ସ୍ୱୀକୃତି ପରେ ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ଅଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କ Earnest Money Deposit and Bank Guaranteeକୁ ଫେରସ୍ତ କରି ଦିଆଯିବ ।

୯. ନିଲାମ ପ୍ରକ୍ରିୟାର ଚୂଡାନ୍ତ ହେବା ପରେ ମନୋନୀତ ନିଲାମଧାରୀ ନିଜ ଖର୍ଚ୍ଚରେ Mining Plan ଏବଂ E.C ନିଜ ନାମକୁ ପରିବର୍ତ୍ତନ କରିବେ ।

୧୦. ନିଲାମଧାରୀ ସମସ୍ତ ଦେୟ ଜମା କରିବା ପରେ Form – N ରେ ଚୁକ୍ତି ପତ୍ର ସ୍ୱାକ୍ଷରିତ କରିବା ସହ ନିଜ ଖର୍ଚ୍ଚରେ ଏହାର ପଞ୍ଜୀକରଣ (Registration Act., 1908 & Stamp Act., 1890 & 1899 ଅନୁଯାୟୀ) ସମ୍ପାଦନ କରିବେ ।

୧୧. OMMC Rules-2016 ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶି ବାଜ୍ୟାପ୍ତିକରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ ।

୧୨. ଲିଜ୍‌ଧାରୀ ସୈରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା Royalty, Additional Charge, Dead Rent, Surface Rent, DMF, EMF ଓ ଅନ୍ୟାନ୍ୟ ଦେୟର OMMC Rules, 2016 ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ପୈଠ କରିବେ ଏବଂ ଏ ସମସ୍ତ ଦେୟର 2% ଆୟକର (TCS) ବାବଦକୁ ଜମା କରିବେ ।

ତହସିଲଦାର
ଖଣ୍ଡମାଳ, ଫୁଲବାଣୀ

୧୩. ଲିଜ୍‌ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ଼ ଦେଇ ଚିହ୍ନଟ କରିବେ ଏବଂ ତାହା ସାମ୍ନାରେ ଫଳକ (Display Board) ଏବଂ ଆବଶ୍ୟକ ବ୍ୟବସ୍ଥା କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ଖର୍ଚ୍ଚ ଲିଜ୍‌ଧାରୀ ବହନ କରିବେ ।

୧୪. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନପାଇବା ପର୍ଯ୍ୟନ୍ତ ଲିଜ୍‌ଧାରୀ ସୈରାତ କାର୍ଯ୍ୟକ୍ଷମ କରିପାରିବେ ନାହିଁ ।

୧୫. ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ଅନ୍ୟାନ୍ୟ କାଗଜାତ ତହସିଲ କାର୍ଯ୍ୟାଳୟ, ଖଣ୍ଡମାଳ, ଫୁଲବାଣୀ ରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ପାଇପାରିବେ । ଏହି ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବ ସାଇଟ www.kandhamal.nic.in ରେ ଉପଲବ୍ଧ ହେବ ।

୧୬. ନିଲାମ ଦରଖାସ୍ତକାରୀମାନେ OMMC Rules,2016 ଏବଂ ତତ୍‌ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

୧୭. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟର ହିସାବ ଲିପିବଦ୍ଧ କରିବା ସହିତ ଲଘୁ ଖଣିଜ ଉତ୍ତୋଳନ ଏବଂ ପରିବହନର ତ୍ରୟ ମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

୧୮. ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ ଲିଜ୍ ବାତିଲ ବା ସ୍ଥଗିତ କରିପାରିବେ ।

୧୯. ଲିଜ୍ ଅବଧି ମଧ୍ୟରେ ଲିଜ୍‌ଧାରୀ ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲଂଘନ କଲେ ଲିଜ୍ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମା ରାଶିକୁ ବାଜ୍ୟାପ୍ତ କରାଯିବ ।

୨୦. ଲିଜ୍‌ଧାରୀ Mines Act, 1952 ଏବଂ Explosive Act, 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

20-07-2022

ତହସିଲଦାର

ଖଣ୍ଡମାଳ, ଫୁଲବାଣୀ

ତହସିଲଦାର
ଖଣ୍ଡମାଳ, ଫୁଲବାଣୀ

ପରିପତ୍ର ସଂଖ୍ୟା : 3662 ତା. 20.07.2022 ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, କନ୍ଧମାଳ/ ଉପ-ଜିଲ୍ଲାପାଳ, କନ୍ଧମାଳ, ଫୁଲବାଣୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

20-07-2022

ତହସିଲଦାର

ଖଣ୍ଡମାଳ, ଫୁଲବାଣୀ

ତହସିଲଦାର
ଖଣ୍ଡମାଳ, ଫୁଲବାଣୀ

ପରିପତ୍ର ସଂଖ୍ୟା: ...3663...  ତା. ...20.07.2022... ରିଖ

ଏହାର ଏକକିତା ନକଲ D.I.O., NIC, Kandhamalଙ୍କ ଅବଗତି ତଥା କନ୍ଧମାଳ ଜିଲ୍ଲା Web Siteରେ ଉପଲବ୍ଧ କରିବା ନିମନ୍ତେ ପ୍ରେରଣ କରାଗଲା ।

20-07-2022

ତହସିଲଦାର
ତହସିଲଦାର
ଖଣ୍ଡମାଳ, ଫୁଲବାଣୀ
ଖଣ୍ଡମାଳ, ଫୁଲବାଣୀ

ପରିପତ୍ର ସଂଖ୍ୟା: ...3664...  ତା. ...20.07.2022... ରିଖ

ଏହାର ଏକକିତା ନକଲ ଭାରପ୍ରାପ୍ତ ଅଧିକାରୀ, ଫୁଲବାଣୀ ଟାଉନ୍ ଥାନାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

20-07-2022

ତହସିଲଦାର
ତହସିଲଦାର
ଖଣ୍ଡମାଳ, ଫୁଲବାଣୀ
ଖଣ୍ଡମାଳ, ଫୁଲବାଣୀ

ପରିପତ୍ର ସଂଖ୍ୟା: ...3665...  ତା. ...20.07.2022... ରିଖ

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଫୁଲବାଣୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

20-07-2022

ତହସିଲଦାର
ତହସିଲଦାର
ଖଣ୍ଡମାଳ, ଫୁଲବାଣୀ
ଖଣ୍ଡମାଳ, ଫୁଲବାଣୀ

ପରିପତ୍ର ସଂଖ୍ୟା: ...3666...  ତା. ...20.07.2022... ରିଖ

ଏହାର ଏକକିତା ନକଲ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ / ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ନୋଟିସ୍ ବୋର୍ଡ଼ ସୈରାତ ଉତ୍ସଟି ଥିବା ସମ୍ପୃକ୍ତ ଗ୍ରାମରେ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

20-07-2022

ତହସିଲଦାର
ତହସିଲଦାର
ଖଣ୍ଡମାଳ, ଫୁଲବାଣୀ
ଖଣ୍ଡମାଳ, ଫୁଲବାଣୀ

**ପରିଶିଷ୍ଟ - ୧**

| ମୌଜା ର ନାମ | ସୈରାତ ଉତ୍ସର ନାମ | ଖାତା ନଂ. | ପ୍ଲଟ ନଂ. | ରକବା | ରୟାଲଟି (ପ୍ରତି ଘନ .ମି) | ସର୍ବନିମ୍ନ ଅତିରିକ୍ତ ଦେୟ (additional Charge) (ପ୍ରତି ଘନ .ମି) | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) | EMD Amount |
|---|---|---|---|---|---|---|---|---|
| ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ବିଗାପଦର | ବିଗାପଦର ବାଲି ଉତ୍ସ | ୯୯ | ୫୮୬ | ହେ. ୩.୮୪୦ | ଟ. ୩୫ .୦୦ | ଟ. ୩୦ .୦୦ | ୨୮୦୦cm | ଟ.୯୧୦୦ |
| ତୁଡିପାଜୁ | ତୁଡିପାଜୁ ବାଲି ଉତ୍ସ | ୮୯ | ୧ | ହେ. ୨.୫୦୦ | ଟ. ୩୫ .୦୦ | ଟ. ୩୦ .୦୦ | ୨୫୦୦cm | ଟ.୮୧୨୫ |
| ସାଇନିପଦର | ସାଇନିପଦର ବାଲି ଉତ୍ସ | ୭୬ | ୧ | ହେ. ୪.୦୦୦ | ଟ. ୩୫ .୦୦ | ଟ. ୩୦ .୦୦ | ୨୬୦୦cm | ଟ.୮୪୫୦ |
| ସର୍ତ୍ତାଗୁଡା | ସର୍ତ୍ତାଗୁଡା ବାଲି ଉତ୍ସ | ୧୨୧ | ୬୯୩ | ହେ. ୨.୫୦୦ | ଟ. ୩୫ .୦୦ | ଟ. ୩୦ .୦୦ | ୫୦୦cm | ଟ.୧୬୨୫ |

20-07-2022

ତହସିଲଦାର
ତହସିଲଦାର
ଖଣ୍ଡମାଳ, ଫୁଲବାଣୀ
ଖଣ୍ଡମାଳ, ଫୁଲବାଣୀ